# ତାରକାଙ୍କ ଶେଷ ବିଶ୍ୱକପ୍




ନୂଆଦିଲ୍ଲୀ,୩୧।୫: ଦିନିକିଆ ବିଶ୍ୱକପ୍ ଶେଷ ହେବାର ୭ ମାସ ପରେ ଟେଷ୍ଟି-୨୦ ବିଶ୍ୱକପ୍ ଆରମ୍ଭ ହେବ। ଆମେରିକା ଓ ୱେଷ୍ଟଇଣ୍ଡିଜ୍ ମିଳିତ ଭାବେ ଏହି ପ୍ରତିଯୋଗିତାକୁ ଆୟୋଜନ କରୁଛନ୍ତି। ବିଭିନ୍ନ ଦଳର ବଡ଼ବଡ଼ ତାରକା ଖେଳାଳିମାନେ ଏହି ବିଶ୍ୱକପ୍‌ରେ ଖେଳିବାକୁ ପହଞ୍ଚିଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ସମ୍ଭବତଃ ଶେଷ ଥର ପାଇଁ ଏହି ଫର୍ମାଟ୍‌ର ବିଶ୍ୱକପ୍‌ରେ ଖେଳିବାକୁ ଯାଉଛନ୍ତି। ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ଣ୍ଣର ଏହି ବିଶ୍ୱକପ୍‌କୁ ତାଙ୍କର ଶେଷ ଆବିର୍ଭାବ ହେବାକୁ ଯାଉଥିବା ନେଇ ପୂର୍ବରୁ ଘୋଷଣା କରିସାରିଛନ୍ତି। ପୂର୍ବରୁ ଦିନିକିଆ ଓ ଟେଷ୍ଟ୍ କ୍ରିକେଟ୍‌ରୁ ମଧ୍ୟ ସେ ଅବସର ନେଇସାରିଛନ୍ତି। କୋହଲି ଓ ରୋହିତ ବର୍ତ୍ତମାନ ପିଢ଼ିର କ୍ରିକେଟର୍ଙ୍କ ମଧ୍ୟରେ ଏହି ଦୁଇ ଭାରତୀୟ ଯୋଡ଼ି ସବୁଠୁ ବଡ଼ ଓ ଲୋକପ୍ରିୟ ଖେଳାଳି ଭାବେ ପରିଚିତ ଅଛନ୍ତି। ୨୦୨୨ ବିଶ୍ୱକପ୍ ପରେ ଏମାନେ ଆଉ ଟ୍ୱେଣ୍ଟି-୨୦ ଦଳକୁ ଫେରିବେନି ବୋଲି ଚର୍ଚ୍ଚା ଆରମ୍ଭ ହୋଇଥିଲା। କିନ୍ତୁ ଚଳିତ ବିଶ୍ୱକପ୍ ଆରମ୍ଭ ହେବାର କିଛି ମାସ ପୂର୍ବରୁ ଏମାନଙ୍କ ନାଁ ପୁଣି ଥରେ ଭାରତୀୟ ଦଳରେ ରହିଛି। ବର୍ଷେରୁ ଅଧିକ ସମୟ ଧରି ଏହି ଦୁଇ ଜଣ ଆନ୍ତର୍ଜାତିକ ଟେଷ୍ଟି-୨୦ ଖେଳି ନାହାନ୍ତି। କିନ୍ତୁ ଆଇପିଏଲ୍‌ରେ ଭଲ ପ୍ରଦର୍ଶନ ଦେବା ପରେ ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ଜୁନ୍ ୫ ତାରିଖରେ ନ୍ୟୁୟର୍କରେ ଯେତେବେଳେ ରୋହିତ ପଡ଼ିଆକୁ ଓହ୍ଲାଇବେ, ସେ ସମସ୍ତ ସଂସ୍କରଣରେ ଖେଳିଥିବା ବିରଳ ଖେଳାଳି ହୋଇଯିବେ। ତାଙ୍କ ବ୍ୟତୀତ ବାଂଲାଦେଶର ସକିବ ଅଲ୍ ହାସନ୍ ମଧ୍ୟ ପ୍ରଥମ ମ୍ୟାଚ୍ ଖେଳିବା ପରେ ରୋହିତଙ୍କ କୀର୍ତ୍ତିମାନର ସମକକ୍ଷ ହୋଇଯିବେ। ବୋଲ୍ଟ ଓ ୱିଲିୟମସନ୍: ନ୍ୟୁଜିଲାଣ୍ଡ ଦଳରେ ଟ୍ରେଣ୍ଟ ବୋଲ୍ଟ ଜଣେ ଫ୍ରିଲାନ୍ସର ଖେଳାଳିର ମାନ୍ୟତା ପାଇଗଲେଣି। ୩୪ ବର୍ଷୀୟ ବୋଲ୍ଟ ଜାତୀୟ ଦଳ ସହିତ ବର୍ଷ ତମାମ୍ ଖେଳିପାରିବେନି ବୋଲି ପୂର୍ବରୁ କହିସାରିଛନ୍ତି। କେବଳ ଆଇସିସି ପ୍ରତିଯୋଗିତା ଗୁଡ଼ିକରେ ସେ ଖେଳିବାକୁ ଚାହୁଛନ୍ତି। ଏଥିପାଇଁ ତାଙ୍କୁ ପୁଣି ଥରେ ବିଶ୍ୱକପ୍ ଦଳରେ ଦେଖିବାକୁ ମିଳିଛି। ଏହାପୂର୍ବରୁ ଆଇପିଏଲ୍‌ରେ ସେ ୧୬ ମ୍ୟାଚ୍‌ରୁ ୧୬ ୱିକେଟ୍ ନେଇ ପ୍ରସ୍ତୁତ ହୋଇଛନ୍ତି। ତେଣୁ ବର୍ତ୍ତମାନର ତାଙ୍କ କ୍ରିକେଟ୍ କାର୍ଯ୍ୟକଳାପକୁ ଦେଖି ପରବର୍ତ୍ତୀ ବିଶ୍ୱକପ୍ ସଂସ୍କରଣ ବେଳକୁ ସେ ଜାତୀୟ ଦଳରେ ଖେଳିବା ଅପେକ୍ଷା ପରିବାରକୁ ଅଧିକ ସମୟ ଦେବା ଦେଖିବାକୁ ମିଳିପାରେ ବୋଲି ଆକଳନ କରାଯାଉଛି। ସେହିପରି ନ୍ୟୁଜିଲାଣ୍ଡ ବ୍ୟାଟର ୩୨ ବର୍ଷୀୟ କେନ୍ ୱିଲିୟମସନ୍ ଚଳିତ ବିଶ୍ୱକପ୍ ଦଳର ଭେଟେରାନ ଖେଳାଳିଙ୍କ ମଧ୍ୟରେ ବୟସ ଦୃଷ୍ଟିରୁ ସାନ। କିନ୍ତୁ ତାଙ୍କ ଫିଟ୍‌ନେସ୍ ସମସ୍ୟା, ଆଉ ଗୋଟିଏ ସଂସ୍କରଣ ଖେଳିବାକୁ ସୁଯୋଗ ଦେଇ ନପାରେ। ୱିଲିୟମସନ୍ ଲମ୍ବା ଫର୍ମାଟ୍ ପାଇଁ ଉପଯୁକ୍ତ। ତେଣୁ ଟେଷ୍ଟି-୨୦ ଛାଡ଼ି ଟେଷ୍ଟ୍ କିମ୍ବା ଦିନିକିଆ କ୍ରିକେଟ୍ ଉପରେ ଅଧିକ ଧ୍ୟାନ ଦେଇପାରନ୍ତି। ଏପରିକି ଏସବୁ ଫର୍ମାଟ୍ ତାଙ୍କୁ ଅଧିକ ସୁହାଉଥିବା ମଧ୍ୟ ଅନେକ ବିଶେଷଜ୍ଞମାନେ କହିଛନ୍ତି। ଆମେ ୨୦୦୭ ଉଦ୍‌ଘାଟନୀ ସଂସ୍କରଣରେ ବିଶ୍ୱକପ୍ ଜିତିଥିଲୁ। ଏହାପରଠୁ ଆମେ ଫାଇନାଲ୍‌କୁ ତ ଯାଇଛୁ, କିନ୍ତୁ ଜିତିପାରି ନାହୁଁ। ତେଣୁ ଏଠାରେ କପ୍ ଜିତିବାକୁ ଆମ ପାଖରେ ବହୁତ ଭଲ ସୁଯୋଗ ରହିଥିବ। ମୁଁ ଭାବୁଛି। ରୋହିତ ଶର୍ମା, ଅଧିନାୟକ: ଭାରତ ଯେଉଁଠାରେ ବି ଖେଳୁ, ସବୁବେଳେ ଆମ ଉପରେ ପ୍ରଶଂସକଙ୍କ ଆଶା ରହିଥାଏ। ଆମ ଦେଶରେ କ୍ରିକେଟ୍‌କୁ ଏକ ଭିନ୍ନ ଦୃଷ୍ଟିରେ ଦେଖାଯାଏ। ଏହା ଆମର ଶକ୍ତି। ଯଦି ଆମେ ଏହାପ୍ରତି ସବୁବେଳେ ଅଧିକ ଧ୍ୟାନ ଦେବୁ, ଏହାର ଆମର ଦୁର୍ବଳତା ପାଲଟିଯିବ। ତେଣୁ ଏହାକୁ କେବଳ ଆମେ ଆମର ମଜବୁତ୍ ପକ୍ଷ ଭାବେ ଗ୍ରହଣ କରିବା ସହ ଏଠାରୁ ପ୍ରେରଣା ଓ ଶକ୍ତି ସଂଗ୍ରହ କରପାରିବା। ଆମ ପଛରେ ଅନେକ ପ୍ରଶଂସକ ଅଛନ୍ତି, ଯେଉଁମାନେ ଆମଠୁ ଭଲ ପ୍ରଦର୍ଶନ ଆଶା ରଖୁଛନ୍ତି। -ବିରାଟ କୋହଲି: ମୁଁ ସବୁବେଳେ ଦାୟିତ୍ୱବୋଧକୁ ଉପଭୋଗ କରିପାରୁଛି। କାରଣ ଯେତେବେଳେ ତୁମେ ଦଳରେ ଥାଅ ଓ ଦଳର ମହତ୍ୱକୁ ବୁଝିଥାଅ, ସେତେବେଳେ ଦାୟିତ୍ୱବୋଧ କଥା ଆଗକୁ ଆସେ। କିନ୍ତୁ ଯେତେବେଳେ ତୁମେ ଦାୟିତ୍ୱ ନେଇଥାଅ, ସେତେବେଳେ ସ୍ଥିତି ଅନୁସାରେ ତୁମେ ଦଳ ପାଇଁ ଭଲ କରିପାରିବ। ଜଣେ ଖେଳାଳି ଭାବେ ଏହାକୁ ବାସ୍ତବରେ ପରିଣତ କରିବାକୁ ମୁଁ ସବୁବେଳେ ଆଗ୍ରହ ରଖିଥାଏ। ତେଣୁ ବିଶ୍ୱକପ୍‌ରେ ଯାହାବି ଦାୟିତ୍ୱ ମିଳିବ, ତାହା କରିବାକୁ ପ୍ରସ୍ତୁତ ଅଛି। -ଋଷଭ ପନ୍ତ ସକିବ ଅଲ୍ ହାସନ୍: ବାଂଲାଦେଶର ଏହି ୩୭ ବର୍ଷୀୟ ଅଲ୍‌ରାଉଣ୍ଡର ଏବେ କ୍ରିକେଟ୍ ସହ ରାଜନୈତିକ କ୍ଷେତ୍ରରେ ମଧ୍ୟ କ୍ୟାରିୟର ଆରମ୍ଭ କଲେଣି। ସାଂସଦ ହେବା ପରଠୁ ସେ ଟେଷ୍ଟି-୨୦ କ୍ରିକେଟ୍‌ରୁ ଦୂରରେ ଥିଲେ। ତଥାପି ପ୍ରତିଭା ବଳରେ ସକିବ ପୁଣି ଥରେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କିନ୍ତୁ ବିଶ୍ୱକପ୍ ଆରମ୍ଭ ପୂର୍ବରୁ ଆମେରିକାଠୁ ୧-୨ରେ ଟେଷ୍ଟି-୨୦ ଶୃଙ୍ଖଳା ହାରିଥିବାରୁ ଦଳର ବିଶ୍ୱକପ୍ ଅଭିଯାନ ଉପରେ ସମସ୍ତଙ୍କ ନଜର ରହିଛି। ସକିବଙ୍କ ଉପସ୍ଥିତି ବାଂଲାଦେଶ ପାଇଁ ସବୁଠୁ ଅଧିକ ମୂଲ୍ୟବାନ। କିନ୍ତୁ ସେ ୨୦୨୫ ଚାମ୍ପିଅନ୍ସ ଟ୍ରଫିକୁ ତାଙ୍କର ଶେଷ ଆନ୍ତର୍ଜାତିକ ପ୍ରତିଯୋଗିତା ଭାବେ ପୂର୍ବରୁ ଘୋଷଣା କରି ସାରିଛନ୍ତି। ତେଣୁ ଟେଷ୍ଟି-୨୦ ବିଶ୍ୱକପ୍‌ରେ ପୁଣି ଥରେ ଖେଳିବା ସମ୍ଭାବନା ଆଉ ନଥିବା କୁହାଯାଉଛି। ଆନ୍ଦ୍ରେ ରସେଲ୍ ଆଇପିଏଲ୍‌ରେ ୱେଷ୍ଟଇଣ୍ଡିଜ୍‌ର ଅଲ୍‌ରାଉଣ୍ଡର ଆନ୍ଦ୍ରେ ରସେଲ୍ ଚମତ୍କାର ପ୍ରଦର୍ଶନ ଦେଇଥିଲେ। ଅନେକ ଦିନ ପରେ ଆଇପିଏଲ୍‌ରେ ଉଭୟ ବ୍ୟାଟ୍ ଓ ବଲ୍‌ରେ ସେ ପ୍ରତିପକ୍ଷଙ୍କ ପାଇଁ ବିପଦ ହୋଇଯାଇଥିଲେ। ଏପରିକି ତାଙ୍କ ପାଖରେ ଆହତ ସମସ୍ୟା ମଧ୍ୟ ନଥିଲା। କିନ୍ତୁ ୩୬ ବର୍ଷ ବୟସରେ ପହଞ୍ଚିସାରିଥିବାରୁ ଆଗକୁ ଖେଳିବା ଜାରି ରଖିବା ନେଇ ଆଶଙ୍କା ଦେଖାଦେଇଛି। ସେହିପରି ଦଳଗତ ପ୍ରଦର୍ଶନକୁ ଦେଖିଲେ ୱେଷ୍ଟଇଣ୍ଡିଜ୍ ଗତ ଦିନିକିଆ ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିପାରି ନଥିଲା। ଏପରିକି ଟେଷ୍ଟି-୨୦ରେ ୨୦ ଦଳ ଅଂଶଗ୍ରହଣ କରୁଥିବାରୁ ୱେଷ୍ଟଇଣ୍ଡିଜ୍‌କୁ ଆୟୋଜକ ଭାବେ ଯୋଗ୍ୟତା ମିଳିଯାଇଥିଲା। ଯଦି ଦଳ ସଂଖ୍ୟା ୧୦ କିମ୍ବା ୧୨ ହୋଇଥାନ୍ତା ତାହେଲେ ଦଳ ଯୋଗ୍ୟତା ବି ପାଇପାରି ନଥାନ୍ତା।

## ଇତିହାସ ରଚିଲେ ବାବର ଆଜମ: କୋହଲିଙ୍କ ମହାରେକର୍ଡ ଠୁ ମାତ୍ର ଦୂରରେ




ଲଣ୍ଡନ,୩୧।୫: ପାକିସ୍ତାନ ଅଧିନାୟକ ବାବର ଆଜାମ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ଚତୁର୍ଥ ଟି-୨୦ରେ ୫ ଚୌକା ଓ ଗୋଟିଏ ଛକା ସହାୟତାରେ ୨୨ ବଲରେ ୩୬ ରନ ସ୍କୋର କରି ଇତିହାସ ସୃଷ୍ଟି କରିଥିଲେ। ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ଏହି ଇନିଂସ ଯୋଗୁ ପାକିସ୍ତାନ ଅଧିନାୟକ ଅନ୍ତର୍ଜାତୀୟ ଟି-୨୦ରେ ୪୦୦୦ ରନ ଅତିକ୍ରମ କରିଛନ୍ତି। ଅନ୍ତର୍ଜାତୀୟ ଟି-୨୦ରେରେ ଏହି ସଂଖ୍ୟା ଅତିକ୍ରମ କରିଥିବା ପାକିସ୍ତାନ ପାଇଁ ବାବର ପ୍ରଥମ ବ୍ୟାଟ୍ସମ୍ୟାନ ହୋଇଥିଲେ। ବର୍ତ୍ତମାନ ସେ ବିରାଟ କୋହଲିଙ୍କ ରେକର୍ଡ ଭାଙ୍ଗିବା ଠାରୁ ମାତ୍ର ଦୂରରେ ଅଛନ୍ତି। ବିରାଟ କୋହଲି ଫର୍ମାଟରେ ସର୍ବାଧିକ ରନ ସ୍କୋରର ବ୍ୟାଟ୍ସମ୍ୟାନ ଅଟନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ କୋହଲି ଏକମାତ୍ର ବ୍ୟାଟ୍ସମ୍ୟାନ ଯିଏ ୪ ହଜାର ରନ ମାର୍କ ଅତିକ୍ରମ କରିଥିଲେ। ବର୍ତ୍ତମାନ ବାବର ଆଜମ ମଧ୍ୟ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ବାବର ୪୦୨୩ ରନ ସଂଗ୍ରହ କରିଥିବାବେଳେ କୋହଲି ୪୦୩୭ ରନ କରିଛନ୍ତି। ବାବର ଆଜାମ କୋହଲିଙ୍କ ଠାରୁ ମାତ୍ର ୧୪ ରନ ପଛରେ ଅଛନ୍ତି। ବାବର ଆଜମ ଏହା ପୂର୍ବରୁ ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କୁ ଛାଡିଥିଲେ। ରୋହିତ ଶର୍ମା ଏପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଟି-୨୦ରେ ୩୯୭୪ ରନ ସଂଗ୍ରହ କରିଛନ୍ତି। ଏଭଳି ପରିସ୍ଥିତିରେ ଟି-୨୦ବିଶ୍ୱକପ ୨୦୨୪ର ସମସ୍ତ ତିନି ଖେଳାଳିଙ୍କ ମଧ୍ୟରେ ଏକ ଆକର୍ଷଣୀୟ ରେସ୍ ଦେଖିବାକୁ ମିଳେ। ଏହିପରି ବାବର ଆଜମ ଏବଂ ବିରାଟ କୋହଲିଙ୍କ ଟି-୨୦ ଅନ୍ତର୍ଜାତୀୟ କ୍ୟାରିୟର ଏପର୍ଯ୍ୟନ୍ତ ଚାଲିଛି। ବିରାଟ କୋହଲି ଏପର୍ଯ୍ୟନ୍ତ ୧୧୭ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳି ୧୦୯ ଇନିଂସରେ ବ୍ୟାଟିଂ କରିଛନ୍ତି, ସେ ହାରାହାରି ୫୧.୭୫ ଏବଂ ଷ୍ଟ୍ରାଇକ ହାର ୧୩୮.୧୫ରେ ୪୦୩୭ ରନ କରିଛନ୍ତି। ଏହି ସମୟ ମଧ୍ୟରେ ସେ ଗୋଟିଏ ଏବଂ ୩୭ ଅର୍ଦ୍ଧଶତକ ହାସଲ କରିଛନ୍ତି। କୋହଲି ୨୬୧ ଚୌକା ଓ ୧୧୭ ଛକା ମାରିଛନ୍ତି। ବାବର ଏପର୍ଯ୍ୟନ୍ତ ୧୧୭ ଟି-୨୦ ଆନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ଏହି ମ୍ୟାଚଗୁଡିକର ୧୧୨ ଇନିଂସରେ ବ୍ୟାଟିଂ କରି ସେ ହାରାହାରି ୪୧.୦୫ ଏବଂ ଷ୍ଟ୍ରାଇକ ରେଟ ୧୩୦.୧୫ରେ ୪୦୩୫ରନ କରିଛନ୍ତି। ଏହି ସମୟରେ ସେ ୩ ଶତକ ଏବଂ ୩୬ ଅର୍ଦ୍ଧଶତକ ହାସଲ କରିଛନ୍ତି। ବାବର ୪୩୨ ଚୌକା ଓ ୬୯ ଛକା ମାରିଛନ୍ତି।

## ଦକ୍ଷିଣ ଏସୀୟ ଯୁବ ଟିଟି: ସାର୍ଥକଙ୍କୁ ୩ ପଦକ



ନୂଆଦିଲ୍ଲୀ,୩୧।୫: ଶ୍ରୀଲଙ୍କାର କାଣ୍ଡିସ୍ଥିତ ମ୍ୟୁନିସିପାଲ କାଉନସିଲ୍ ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ଦକ୍ଷିଣ ଏସୀୟ ଯୁବ ଟେବୁଲ୍ ଟେନିସ (ଟିଟି) ପ୍ରତିଯୋଗିତାରେ ଓଡ଼ିଆ ପୁଅ ତଥା ଉଦୀୟମାନ ତାରକା ସାର୍ଥକ ଆର୍ଯ୍ୟଙ୍କୁ ସଫଳତା ମିଳିଛି। ସେ ଏହି ପ୍ରତିଯୋଗିତାରେ ୨ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ତିନିଟି ପଦକ କରାୟତ୍ତ କରିଛନ୍ତି। ୧୫ ବର୍ଷରୁ କମ୍ ଏକକରେ ରୌପ୍ୟ ଜିତିଥିଲା ବେଳେ ଏହି ବୟସ ବର୍ଗ ମିଶ୍ରିତ ଯୁଗଳ ଓ ଦଳଗତରେ ସ୍ୱର୍ଣ୍ଣ ପାଇଥିଲେ। ଏହି ସଫଳତା ଆଧାରରେ ସେ ଜୁନ୍ ୩୦ରୁ ଜୁଲାଇ ୬ ପର୍ଯ୍ୟନ୍ତ ଚୀନ୍‌ରେ ହେବାକୁଥିବା ଏସୀୟ ଯୁବ ଟିଟି ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସୂଚନାଯୋଗ୍ୟ, ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅର୍ନ୍ତଗତ ଗୁଣ୍ଡିଲୋ ଗରମା ଗ୍ରାମର ମୂଳ ବାସିନ୍ଦା ସାର୍ଥକ ବର୍ତ୍ତମାନ ସୋନିପତ୍‌ସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଏଥି ପୂର୍ବରୁ ସାର୍ଥକ ବିଭିନ୍ନ ବିଶ୍ୱସ୍ତରୀୟ ଓ ଜାତୀୟ ସ୍ତରୀୟ ଟିଟି ପ୍ରତିଯୋଗିତାରେ ଏକାଧିକ ପଦକ ଜିତିଛନ୍ତି। ଆଗକୁ ଅଲିମ୍ପିକ୍ସରେ ପଦକ ଜିତିବା ଲକ୍ଷ୍ୟ ରଖିଛନ୍ତି ଏବଂ ଏଥିପାଇଁ ପ୍ରଶିକ୍ଷଣ ନେବା ସହିତ କଠିନ ପରିଶ୍ରମ ଜାରି ରଖିଥିବା କହିଛନ୍ତି।

## ଝାରସୁଗୁଡା ଜୁନିୟର କ୍ରୀଡା ପ୍ରତିଯୋଗୀଙ୍କ ରାଜ୍ୟ କ୍ରୀଡାରେ ଭାଗ ନେବାକୁ ଯାତ୍ରା




ଝାରସୁଗୁଡା,୩୧।୫: ଆସନ୍ତା କାଲି ଠାରୁ କିଟସ୍ ଷ୍ଟାଡିୟମ ଭୁବନେଶ୍ୱର ଠାରେ ଆନ୍ତଃ ଜିଲ୍ଲା ଜୁନିୟର (୧୪ବର୍ଷ-୧୬ବର୍ଷ ଓ ୧୮ବର୍ଷ) ବୟସ ବର୍ଗର କ୍ରୀଡା ପ୍ରତିଯୋଗିତା ଆରମ୍ଭ ହେବ। ଝାରସୁଗୁଡା ଜିଲ୍ଲା କ୍ରୀଡା ସଂସ୍ଥା ର ୨୪ ଜଣ ଜୁନିୟର ବାଳକ, ବାଳିକା କ୍ରୀଡା ପ୍ରତିଯୋଗୀ ଆଜି ସକାଳେ ଇଣ୍ଟରସିଟି ଏକ୍ସପ୍ରେସ ଯୋଗେ ଭୁବନେଶ୍ୱର ଯାତ୍ରା କରିଛନ୍ତି। ଏହି ଦଳରେ ପ୍ରଶିକ୍ଷକ କମାଣ୍ଡର ବେହେରା ଓ ମ୍ୟାନେଜର ଭାବରେ ଦେବେନ୍ଦ୍ର ନାୟକ ଓ ପୁଷ୍ପା ସାହୁ ରହିଛନ୍ତି। ଏହି ପ୍ରତିଯୋଗିତା ୧ ଜୁନରୁ ଜୁନ ୩ ତାରିଖ ପ୍ରର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଝାରସୁଗୁଡା ଜିଲ୍ଲା କ୍ରୀଡା ସଂସ୍ଥାର ସଂପାଦକ ତାପସରାୟ ଚଉଧୁରୀ, କୋଷାଦକ୍ଷ ଗଣେଷ ଚନ୍ଦ୍ର ନାଏକ ଓ ଅନ୍ୟ ସଭ୍ୟ ମାନେ ଶୁଭେଛା କାମନା କରି କ୍ରୀଡାବିତ୍ ମାନଙ୍କୁ ବିଦାୟୀ ଦେଇ ଥିଲେ।

## ଇଣ୍ଡିଆନ ଓମେନ୍ସ ଲିଗ୍ ସିଜନ ପାଇଁ ନୀତା ଫୁଟବଲ ଏକଡେମୀର ଯୋଗ୍ୟତା ଅର୍ଜନ



ଭୁବନେଶ୍ୱର,୩୧।୫: ଓଡ଼ିଶା ଫୁଟବଲରେ ଐତିହାସିକ ସଫଳତା ହାସଲ କରିଛି ନୀତା ଫୁଟବଲ ଏକାଡେମୀ (ଏନଏଫଏ)। ଏହି ଏକାଡେମୀ ଭାରତର ପ୍ରମୁଖ ପେସାଦାର ଫୁଟବଲ ଲିଗ୍ ଇଣ୍ଡିଆନ ଓମେନ୍ସ ଲିଗ (ଆଇଡବ୍ଲୁଏଲ)ର ୨୦୨୪-୨୫ ସିଜନରେ ଭାଗ ନେବା ପାଇଁ ଯୋଗ୍ୟତା ଅର୍ଜନ କରିଛି। ଆଇଡବ୍ଲୁଏଲର ଉଦଘାଟନୀ ସିଜିନରେ ରନର୍ସ ଅଫ ହୋଇ ନୀତା ଫୁଟବଲ ଏକାଡେମୀ ଏହି ସଫଳତା ହାସଲ କରିଛି । ୨୦୨୪ ମେ’ ୨୮ ତାରିଖରେ ଗୋଆର ମାପୁସାସ୍ଥିତ ଡୁଲେର ଷ୍ଟାଡିୟମରେ ଶେଷ ହୋଇଥିବା ଫାଇନାଲ ରାଉଣ୍ଡରେ ଏନଏଫଏ ଓ ଶ୍ରୀଭୂମି ଫୁଟ୍ ବଲ୍ କ୍ଲବ୍ (କୋଲକାତା) ୧୦ ପଏଣ୍ଟ ଲେଖାଏଁ ପାଇ ଟାଇଟଲ ଭାଗ କରିଥିଲେ। ଫାଇନାଲ ରାଉଣ୍ଡରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ମେ ୧୦ରେ ଏନଏଫଏ ନିଜର ପ୍ରଥମ ମ୍ୟାଚରେ ଶ୍ରୀଭୂମି ଏଫସି ଠାରୁ ୧-୩ ଗୋଲରେ ପରାସ୍ତ ହୋଇ ନିଜର ଅଭିଯାନ ଆରମ୍ଭ କରିଥିଲା। କିନ୍ତୁ ପ୍ରାରମ୍ଭିକ ଝଟକା ସତ୍ତ୍ୱେ ଓଡ଼ିଶାର ଏହି ଦଳ ନିଜର ଶେଷ ୪ଟି ମ୍ୟାଚ୍ ରୁ ୩ଟିରେ ବିଜୟୀ ହୋଇ ଓ ଗୋଟିଏ ଡ୍ର କରି ଟାଇଟଲ ଦୌଡ଼କୁ ଫେରିଥିଲା।

## ମା’ ମାଣିକେଶ୍ୱରୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ଯୋଗଦେବେ ୩୨ ଗୋଟି ଦଳ


ପାରଳାଖେମୁଣ୍ଡି,୩୧/୫: ଗଜପତି ଜିଲ୍ଲା ମୋହନା ବ୍ଲକ କିଡ଼ାସିଂ ଗ୍ରାମରେ ପ୍ରଥମ ଥର ପାଇଁ ୧୫ ଓଭର ବିଶିଷ୍ଟ ମାମାଣିକେଶ୍ୱରୀ କ୍ରିକେଟ ଟୁର୍ଣାମେଣ୍ଟ ଉଦଘାଟିତ ହୋଇଛି। ଏହି ଅଞ୍ଚଳର ୩୨ ଗୋଟି କ୍ରିକେଟ ଦଳ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ସୂଚନା ମିଳିଛି. ଉଦଘାଟନୀ ମ୍ୟାଚ କୁଶପଲ୍ଲୀ ଓ ଖସଡ଼ା ଦଳ ମଧ୍ୟରେ ହୋଇଥିବା ବେଳେ କୁଶପଲ୍ଲୀ ଦଳ ଖସଡ଼ା ଦଳକୁ ୬ ୱିକେଟରେ ପରାସ୍ତ କରିଛି। ମ୍ୟାଚରେ ଅମ୍ପାୟର ଭାବେ ଲିଲୁ ବାହାକ ଓ ସୁରେଶ ମହାରଣା ଦାୟିତ୍ୱ ତୁଲାଇଥିଲେ। କିଡାସିଂ ଗ୍ରାମର ମା ମାଣିକେଶ୍ୱରୀ ଯୁବକ ସଂଘ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମଣ୍ଟର ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗ୍ରାମ ମୁଖିଆ ଅନ୍ତର୍ଯ୍ୟାମୀ କାର୍ଜି ଯୋଗ ଦେଇ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କିଡ଼ାସିଂ, ଜାଲିବାଡ଼ି, ଯୁଡ଼ାଆମ୍ବ, ପାଡ଼ିଗାଁ, ଅଣ୍ଡିରାଗଡ଼ ଗ୍ରାମର ଯୁବ ଗୋଷ୍ଠୀ ସହଯୋଗ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବନପାଳ ଦେବରାଜ ଦଳାଇ, ଅବସରପ୍ରାପ୍ତ ଶିକ୍ଷକ ତାରିଣୀ ଦଳାଇ, ୱାର୍ଡ ସଭ୍ୟ ବାଳକୃଷ୍ଣ ଦଳାଇ, ଜଗନ୍ନାଥ ରଣାରାଓ, ଶିକ୍ଷକ କାହ୍ନୁଚରଣ ରଣଜିତ୍, କୈଳାଶ ଦଳାଇ, କୁରେଶ ବାହକ ଓ ଯୁବକ ସଂଘ ସଭାପତି ହର୍ଷ କୁମାର ଦଳାଇ ଯୋଗ ଦେଇଥିଲେ।

## ରଣବୀରଙ୍କ ରକ୍ତାକ୍ତ ଅବସ୍ଥାର ଫଟୋ ସୋସିଆଲ ମିଡିଆରେ ଭାଇରାଲ



ମୁମ୍ବାଇ: ଗତବର୍ଷ ରଣବୀର କପୁର ‘ଏନିମଲ’ ସିନେମା ଜରିଆରେ ଥିଏଟର୍ସରେ ଜଲୱା ଦେଖାଇଥିଲେ। ଏହି ସିନେମାରେ ରଣବୀରଙ୍କୁ ଡବଲ ରୋଲ କରୁଥିବାର ଦେଖିବାକୁ ମିଳିଥିଲା। ସିନେମା ‘ଏନିମଲ’ରେ ରଣବୀରଙ୍କ ରଣାବିଜୟ ଭୂମିକାକୁ ଖୁବ ପସନ୍ଦ କରଯାଇଥିଲା। ତାଙ୍କର ଅନ୍ୟ ଭୂମିକାର ନାମ ଅଜିଜ ଥିଲା। ଏହି ସିନେମାକୁ କେବଳ ଦେଶରେ ନୁହେଁ ବିଦେଶରେ ମଧ୍ୟ ଦର୍ଶକ ଖୁବ ପସନ୍ଦ କରିଥିଲେ।‘ଏନିମଲ’ ରିଲିଜର ମାତ୍ର ୧୩ ଦିନରେ ଭାରତରେ ୪୬୮ କୋଟି ଓ ସମଗ୍ର ବିଶ୍ୱରେ ୭୭୨.୩୩ କୋଟି ଟଙ୍କା ରୋଜଗାର କରିଥିଲା।ଏହି କ୍ରମରେ କିଛିଦିନ ହେବ ‘ଏନିମଲ ପାର୍ଟ ୨’ ଆସିବା ପୂର୍ବରୁ ସୋସିଆଲ ମିଡିଆରେ ସିନେମାର ଏକ ଅନସିନ ଫଟୋ ପୋଷ୍ଟ କରାଯାଇଛି। ଯେଉଁଥିରେ ରଣବୀରଙ୍କୁ ରକ୍ତାକ୍ତ ଅବସ୍ଥାରେ ଦେଖିବାକୁ ମିଳିଥିଲା। ରଣବୀରଙ୍କ ଏହି ଫଟୋ ସେଲିବ୍ରିଟି ହେୟାର ଷ୍ଟାଇଲିଷ୍ଟ ଆଲିମ ହାକିମ ଦ୍ୱାରା କ୍ଲିକ କରାଯାଇଛି। ଆଲିମ ଏହି ଫଟୋ ସେୟାର କରି ଲେଖିଛନ୍ତି, ‘ଏନିମଲର ସେଟରୁ ଏହି ଫଟୋ ମୁଁ କ୍ଲିକ କରିଛି। ଏହା ଅଜିଜର ଇଣ୍ଟ୍ରୋ ସୁଟ ଥିଲା। ଏହି ଫଟୋରେ ରଣବୀରଙ୍କ ଆଖିରେ ଇମୋସନ ଦେଖିବାକୁ ମିଳିଛି। ଏନିମଲ ସିନେମା ସର୍ବଦା ମୋ ହୃଦୟରେ ରହିବ।’ସୋସିଆଲ ମିଡିଆରେ ରଣବୀରଙ୍କ ଏହି ରକ୍ତାକ୍ତ ଅବସ୍ଥାର ଫଟୋ ଦେଖି ଫ୍ୟାନ୍ସ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ରଣବୀର କୌଣସି ଦୁର୍ଘଟଣାର ଶିକାର ହୋଇଛନ୍ତି ନା ଏହା କୌଣସି ସିନେମାର ଦୃଶ୍ୟ ବୋଲି ପ୍ରଶ୍ନ କରିଛନ୍ତି।

## ଚର୍ଚ୍ଚାରେ ମିଷ୍ଟର ଆଣ୍ଡ୍ ମିସେସ୍ ମାହି



ଭୁବନେଶ୍ୱର,୩୧।୫: ମହେନ୍ଦ୍ର ଜଣେ ବିଫଳ କ୍ରିକେଟର ଓ ମହିମା ଜଣେ ସଫଳ ଡାକ୍ତର। କିନ୍ତୁ ଦୁଇ ଜଣଙ୍କର ଡାକ ନାମ ସମାନ ‘ମାହି’। ସମୟକ୍ରମେ ଦୁହିଁଙ୍କ ବିବାହ ହୁଏ। ବିବାହ ପରେ ପତ୍ନୀଙ୍କର କ୍ରିକେଟ୍ ପ୍ରତି ଆଗ୍ରହ ଥିବା ଦେଖି ଖୁସି ହୁଅନ୍ତି ମହେନ୍ଦ୍ର। ପତ୍ନୀଙ୍କ ଇଚ୍ଛାକୁ ସାକାର କରିବାକୁ ଲାଗିପଡ଼ନ୍ତି। ଅନେକ ବାଧାବିଘ୍ନ ପରେ ମିଷ୍ଟର ମାହିଙ୍କ ପ୍ରଶିକ୍ଷଣରେ ମିସେସ୍ ମାହି ଅନ୍ତର୍ଜାତୀୟ କ୍ରିକେଟ୍ ଖେଳନ୍ତି। ପତ୍ନୀଙ୍କୁ ସମ୍ମାନ ଜଣାଇ, ତାଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାକୁ ଜଣେ ସ୍ୱାମୀ କିଭଳି ଲୋକଲୋଚନକୁ ଆଣିଛନ୍ତି ଏବଂ ସଫଳତା ପାଇଛନ୍ତି, ତାହା ହେଉଛି ମିଷ୍ଟର ଆଣ୍ଡ ମିସେସ୍ ଫିଲ୍ମର ବିଷୟବସ୍ତୁ। ଡ୍ରାମା, ରୋମାନ୍ସ ଓ କ୍ରୀଡ଼ାକୁ ନେଇ ନିର୍ମିତ ଏହି ଫିଲ୍ମ ଏବେ ଚର୍ଚ୍ଚାରେ। ଶରଣ ଶର୍ମାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ରାଜ କୁମାର ରାଓ, ଜାହ୍ନବୀ କପୁର, କୁମୁଦ ମିଶ୍ର ଲିଡ୍ ରୋଲ୍‌ରେ ନଜର ଆସିଛନ୍ତି। ଏସ୍‌ପ୍ଲାନେଡ୍, ଉତ୍କଳ କନିକା ଗ୍ୟାଲେରିଆ, ବିଏମ୍‌ସି ଭବାନୀ ମଲ୍ ଓ ଡିଏନ୍ ରେଗାଲିଆରେ ପ୍ରତ୍ୟେହ ୬ଟି ଲେଖାଏ ସୋ’ ରହିଛି। ସେହିପରି ସିମ୍ଫୋନି ମଲ୍‌ରେ ୫ଟି, ମହାରାଜାରେ ୩ଟି, କେଶରୀ ଓ ସ୍ୱାତୀରେ ୪ଟି ସୋ’ ଲାଗିଛି। ଭୁବନେଶ୍ୱରରେ ମୋଟ୍ ୪୦ଟି ସୋ’ ଲାଗିଛି। ଟିକେଟ୍‌ର ମୂଲ୍ୟ ୯୯ରୁ ଆରମ୍ଭ କରି ୩୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଆସନ୍ତାକାଲି ଶୁକ୍ରବାର ଫିଲ୍ମ ରିଲିଜ୍ ହେବାକୁ ଥିବା ବେଳେ ଆଜିଠାରୁ ଅଧିକାଂଶ ସୋ’ ବୁକ୍ ହୋଇ ସାରିଛି। ଫ୍ରାଇଡେ ରିଲିଜ୍‌ରେ ଆଉ ଏକ ଫିଲ୍ମ ରିଲିଜ୍ ହେବାକୁ ଯାଉଛି। ଯାହାର ନାମ ହେଲା ‘ସାଭି’। ଜଣେ ସରଳ ଗୃହିଣୀ ଇଂଲଣ୍ଡର ଏକ ଉଚ୍ଚ ସୁରକ୍ଷାରେ ଥିବା କାରାଗାରରୁ ତାଙ୍କ ସ୍ୱାମୀଙ୍କୁ ବାହାରକୁ ଆଣିବାକୁ ସାହାସର ସହ ଚେଷ୍ଟା କରିଛନ୍ତି। ତାହା ହେଉଛି ଫିଲ୍ମର ବିଷୟବସ୍ତୁ। ଅଭିନୟ ଦେଓଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅନିଲ କପୁର, ଦିବ୍ୟା କୋଶଲା, ହର୍ଷବର୍ଦ୍ଧନ ରାଣେ ପ୍ରମୁଖ ନଜର ଆସିଛନ୍ତି। ନେକ୍ସସ୍ ଏସ୍‌ପ୍ଲାନେଡ୍‌ରେ ୪ଟି ସୋ’, ଉତ୍କଳ କନିକା ଗ୍ୟାଲେରିଆରେ ୩ଟି ସୋ’, ବିଏମ୍‌ସି ଭବାନୀ ମଲ୍‌ରେ ୩ଟି, ସ୍ମୃତି ସିନେ କମ୍ପ୍ଲେକ୍ସରେ ୨ଟି ସୋ’, କେଶରୀରେ ଗୋଟିଏ ସୋ’, ସିମ୍ଫୋନି ମଲ୍‌ରେ ୩ଟି ସୋ’, ଡିଏନ୍ ରେଗାଲିଆରେ ୩ଟି ସୋ’ ଲାଗିଛି। ଭୁବନେଶ୍ୱରରେ ମୋଟ ୧୯ଟି ସୋ’ ଲାଗିଛି। ଏହାର ଟିକେଟ୍ ମୂଲ୍ୟ ୯୯ରୁ ୩ ଶହ ଟଙ୍କା ପର୍ଯ୍ୟନ୍ତ ରହିଛି।

Printed and Published by Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଅକ୍ଷୟ କୁମାର ପଟ୍ଟନାୟକ
Editor - Akshaya Kumar Patnaik